## ସଂକ୍ଷେପରେ

### ପୁଞ୍ଜି ପ୍ରବାହକୁ ପ୍ରଭାବିତ କରିବ ବାଣିଜ୍ୟ ଯୁଦ୍ଧ: ସୀତାରାମନ୍

ନୂଆଦିଲ୍ଲୀ,୧୯-୧୦: ବିଭିନ୍ନ ଦେଶ ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଏବଂ ସଂରକ୍ଷଣବାଦ ବିଶ୍ୱ ସ୍ତରରେ ଅନିଶ୍ଚିତତା ସୃଷ୍ଟି କରୁଛି। ଏହା ଦ୍ୱାରା ସାମଗ୍ରୀ ପୁଞ୍ଜି ଏବଂ ସେବା କ୍ଷେତ୍ରରେ ଅର୍ଥର ପ୍ରବାହ ପ୍ରଭାବିତ ହେଉଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ବିଶ୍ୱସ୍ତରରେ ମାନ୍ଦାବସ୍ଥା ବିରୋଧରେ ଲଢେଇ ପାଇଁ ଠିକ୍ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ବିଶ୍ୱ ସ୍ତରରେ ଅଭିବୃଦ୍ଧି ଲାଗି ବହୁପାକ୍ଷୀକ ଯୋଜନା ସହ ଅଗ୍ରସର ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ଏକ ପ୍ଲେନେରୀ ସେସନରେ ଯୋଗଦେଇ ସେ କହିଛନ୍ତି, ବାଣିଜ୍ୟ କ୍ଷେତ୍ରରେ ସମନ୍ୱୟ, ଭୌଗୋଳିକ ଅନିଶ୍ଚିତତା, ଉଚ୍ଚ ସ୍ତରର ଋଣ ଭଳି ପ୍ରସଙ୍ଗ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଦୃଢ ସହଯୋଗ ମନୋଭାବର ଆବଶ୍ୟକତା ରହିଛି। ମାନ୍ଦାବସ୍ଥା ବିଶ୍ୱକୁ ସଙ୍କଟ ସ୍ଥିତିକୁ ନେବା ଯାଏ ଅପେକ୍ଷା ନ କରିବାକୁ ସେ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛନ୍ତି। ବିଶ୍ୱସ୍ତରରେ ଅଭିବୃଦ୍ଧିକୁ ଫେରାଇ ଆଣିବା ଲାଗି ଜି-୨୦ ଦେଶ ସମୂହ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

### କର୍ପୋରେଟ ଟିକସ ହ୍ରାସକୁ ଆଇଏମ୍ଏଫ୍‌ର ସମର୍ଥନ

ୱାଶିଂଟନ,୧୯-୧୦: ଘରୋଇ ବଜାର ଲାଗି କର୍ପୋରେଟ ଟିକସ ହ୍ରାସ ଦିଗରେ ଭାରତ ସରକାର ନିକଟରେ ନେଇଥିବା ନିଷ୍ପତ୍ତିକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଶୁକ୍ରବାର ସମର୍ଥନ ଜଣାଇଛି। ନିବେଶ ବଢାଇବା ଦିଗରେ ଏହା ସହାୟତା କରିବ। ବିତ୍ତୀୟ ଧାରାକୁ ସଙ୍ଗଠିତ କରିବା ଏବଂ ଦୀର୍ଘମିଆଦୀ ସ୍ଥିରତା ଉପରେ ଏହା ଗୁରୁତ୍ୱାରୋପ କରିଛି। ବିତ୍ତୀୟ ପ୍ରସଙ୍ଗକୁ ନେଇ ଭାରତ ସତର୍କ ରହିବା ଆବଶ୍ୟକ। ନିବେଶ ଉପରେ ସକାରାତ୍ମକ ପ୍ରଭାବ ରହୁଥିବାରୁ କର୍ପୋରେଟ ଟିକସ ହ୍ରାସକୁ ସମର୍ଥନ ଜଣାଉଛୁ ବୋଲି ଆଇଏମ୍ଏଫ୍ ଏସିଆ ପାସିଫିକ ନିର୍ଦ୍ଦେଶକ ଚାଙ୍ଗୟଙ୍ଗ ରେ କହିଛନ୍ତି।



> ମାନୁଫାକ୍ଚରିଂ କ୍ଷେତ୍ରରେ ଆମେ ଚାଇନାଠାରୁ ବହୁତ ପଛୁଆ। ବାଂଲାଦେଶ ମଧ୍ୟ ଆମଠାରୁ ବହୁ ଆଗରେ ରହିଛି।
> – ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ



> ସାରା ବିଶ୍ୱ ମାନ୍ଦାବସ୍ଥା ସହ ଜୁଝୁଥିବା ବେଳେ ଭାରତ ଏଭଳି ସ୍ଥିତିରେ ଏବେ ମଧ୍ୟ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ମାନ୍ୟତା ବଜାୟ ରଖିଛି।
> – ପ୍ରକାଶ ଜାଭଡେକର, କେନ୍ଦ୍ର ପରିବେଶ ମନ୍ତ୍ରୀ

# ଚାହିଦା ବୃଦ୍ଧି ଲାଗି ସରକାର ନେବେ ଅଧିକ ପଦକ୍ଷେପ

ନୂଆଦିଲ୍ଲୀ,୧୯-୧୦

- ଆୟକରରେ ପରିବର୍ତ୍ତନ ଆସିବ
- ବ୍ୟାଙ୍କ ବ୍ୟବସ୍ଥା ଦ୍ୱାରା ନଗଦ ଯୋଗାଣକୁ ଗୁରୁତ୍ୱ
- ଭିତ୍ତିଭୂମି କ୍ଷେତ୍ର ପାଇଁ ଯୋଜନା



ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଚାହିଦା ପ୍ରଭାବିତ ସ୍ଥିତିରେ ରହିଛି। ଏହାକୁ ବଢାଇବା ଦିଗରେ ସରକାର ଅଧିକ ପଦକ୍ଷେପ ନେବେ। ଏ ନେଇ ଯୋଜନା ରହିଥିବା ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି। ବ୍ୟାଙ୍କଗୁଡିକ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଅଧିକ ନଗଦ ଯୋଗାଣ ଏବଂ ବ୍ୟକ୍ତିଗତ ଟିକସ କ୍ଷେତ୍ରରେ ସରଳୀକରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସୁବ୍ରମଣ୍ୟନ କହିଛନ୍ତି।

ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇ ସେ କହିଛନ୍ତି ଯେ, ନିବେଶ ଆକୃଷ୍ଟ କରିବା ଲାଗି ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ନିବେଶକୁ ସହାୟତା କରିବା ଲାଗି ଖାଉଟି ଚାହିଦା ବଢାଇବା ପାଇଁ ବିଭିନ୍ନ ଦିଗ ଉପରେ ବିଚାର କରାଯାଉଛି। ସ୍ୱଳ୍ପ ମିଆଦୀ ଭିତ୍ତିରେ ଚାହିଦା ବଢାଇବା ଲାଗି ଯୋଜନା ଗ୍ରହଣ କରାଯାଇଛି। ଏହି ଆଧାରରେ ଉଭୟ ଚାହିଦା ଏବଂ ନିବେଶ ବଢିବା ନେଇ ଆଶାବାଦୀ ରହିଥିବା ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଟିକସ ତଥା ସମ୍ପୂର୍ଣ୍ଣ ଟିକସ ପ୍ରଶାସନକୁ ସରଳୀକରଣ କରିବାକୁ ଧ୍ୟାନରେ ରଖାଯାଇଛି। ୬ ଦଶନ୍ଧି ପୁରୁଣା ବିଭିନ୍ନ ଟିକସ ଆଇନରେ ପରିବର୍ତ୍ତନ ଆଣିବା ଲାଗି ଟାସ୍କଫୋର୍ସ ଦେଇଥିବା ରିପୋର୍ଟକୁ ବିଚାର କରାଯାଉଥିବା ସେ ମତ ଦେଇଛନ୍ତି।

ଗତ ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କର୍ପୋରେଟ ଟିକସକୁ ୩୦ରୁ ୨୫%କୁ କମାଇଛନ୍ତି। ନୂଆ ମାନୁଫାକ୍ଚରିଂ କମ୍ପାନୀଗୁଡିକ ଲାଗି ଏହା ୧୫% ରହିଛି। ଏଭଳି ପଦକ୍ଷେପ ସରକାର ନେଇଥିବା ବେଳେ ମଧ୍ୟବିତ୍ତ ଲୋକଙ୍କ ନିକଟକୁ କିଭଳି ଅଧିକ ନଗଦ ଅର୍ଥ ଆସିବ ସେ ଦିଗରେ ମଧ୍ୟ ବିଚାର କରାଯାଉଛି। ଫେବୃୟାରୀରେ ନୂଆ ବଜେଟ ଆସିବା ଆଗରୁ ଆୟକରରେ ଏକ ବଡ ଧରଣର ହ୍ରାସ ହୋଇପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭିତ୍ତିଭୂମି ପ୍ୟାକେଜ, ନୂଆ ଋଣ କାର୍ଯ୍ୟକ୍ରମ ଦ୍ୱାରା ଘରୋଇ ବଜାରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

## ଖିମ୍‌ଜୀ ପକ୍ଷରୁ ଧନ୍‌ତେରାସ ଅଫର

ଭୁବନେଶ୍ୱର,୧୯-୧୦




ଧନତେରାସ ଏବଂ ଦୀପାବଳି ଅବସରରେ ପ୍ରମୁଖ ଜୁଏଲେରି ଚେନ୍ ଖିମଜୀ ପକ୍ଷରୁ ଧନ୍‌ତେରାସ ଅଫର ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋରରୁ କ୍ରୟ ଉପରେ ସୁନାଗହଣାର ମୋଟ ମୂଲ୍ୟରେ ୫.୪% ଫ୍ଲାଟ ରିହାତି ରହିଛି। ଏହାବାଦ ହୀରା ଉପରେ ଫ୍ଲାଟ ୨୦% ରିହାତି ଏବଂ ରୁପା ଗହଣାର ଗଢାମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି ରହିଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। ଷ୍ଟୋର ପକ୍ଷରୁ ରହିଥିବା ୯୯୯ ସ୍କିମରେ ଗୋଲ୍ଡ ଏବଂ ସିଲଭର କଏନ ସହ ବାଏ ବ୍ୟାକ୍ ଗ୍ୟାରେଣ୍ଟି ରହିଛି। ଏହି ସମୟରେ ଷ୍ଟୋରରୁ କ୍ରୟ କରି ବିଭିନ୍ନ ଅଫରର ଲାଭ ନେବାକୁ ଖିମ୍‌ଜୀ ପକ୍ଷରୁ ସୂଚନା ରହିଛି। ଧନ୍‌ତେରାସରେ ସୁନା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହାକୁ ଧ୍ୟାନରେ ରଖି ଷ୍ଟୋରରେ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ପ୍ରଦାନ କରାଯାଉଛି। ସୁନାଦର ଏବେ ଉଚ୍ଚରେ ରହିଥିବାରୁ ବଜାରରେ ସ୍ଥିତି ପ୍ରଭାବିତ ରହିଛି। ଏହି ସମୟରେ ଗ୍ରାହକଙ୍କୁ କ୍ରୟର ଉନ୍ନତ ଅଭିଜ୍ଞତା ପ୍ରଦାନ ଲାଗି ପଦକ୍ଷେପ ନିଆଯାଇଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।

## ଏସ୍‌ବିଆଇ କାର୍ଡ ପେ ଶୁଭାରମ୍ଭ

ନୂଆଦିଲ୍ଲୀ,୧୯-୧୦

ଏସ୍‌ବିଆଇ କାର୍ଡ ପକ୍ଷରୁ ଏସ୍‌ବିଆଇ କାର୍ଡ ପେ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ମୋବାଇଲ ଫୋନ ବ୍ୟବହାର ଦ୍ୱାରା ତ୍ୱରିତ, ସହଜ ଏବଂ ସୁରକ୍ଷିତ କାର୍ଡ ପେମେଣ୍ଟ ଲାଗି ଏଭଳି ଏକ ସୁବିଧା କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ଏହା ହୋଷ୍ଟ କାର୍ଡ ଏମୁଲେଶନ ପ୍ରଯୁକ୍ତିଭିତ୍ତିକ ଏକ ପେମେଣ୍ଟ ସୁବିଧା।

## ହୋମ୍ ଟାଉନରେ ଦିୱାଲି ଅଫର

ଭୁବନେଶ୍ୱର,୧୯-୧୦(ବ୍ୟୁରୋ)

ଫ୍ୟୁଚର ଗ୍ରୁପର ହୋମ୍ ସେଗମେଣ୍ଟ ଲାଇଫ ଷ୍ଟାଇଲ ଷ୍ଟୋର 'ହୋମ୍ ଟାଉନ' ପକ୍ଷରୁ ଦିୱାଲି ପାଇଁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ସ୍ଥାନୀୟ ସତ୍ୟନଗର ସ୍ଥିତ ଷ୍ଟୋରରେ ଏହି ଅଫର ଚଳିତ ମାସ ୩୧ ଯାଏ ଉପଲବ୍ଧ ହେବ। ୩୨,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଗ୍ରାହକମାନେ ହୋମ୍‌ୱେର ବର୍ଗରେ ଡେକର, ଫର୍ନିସ, କିଚେନ ୱେର ଭଳି ପ୍ରଡକ୍ଟ ଲାଭ କରିପାରିବେ। ଏହାବାଦ୍ ଫର୍ନିସିଂ ଏବଂ ଫର୍ନିଚର ବର୍ଗରେ ଲିଭିଂ, ବେଡ୍‌ରୁମ୍, ମ୍ୟାଟ୍ରେସ, ଡାଇନିଂ ସହ ଅଫିସ ଫର୍ନିଚର, ମଡ୍ୟୁଲାର କିଚେନ, ଡିଜାଇନ ଏବଂ ବିଲ୍ଟ ଭଳି ପ୍ରଡକ୍ଟ ରହିଛି। ଗ୍ରାହକମାନେ ପ୍ରମୋଶନାଲ ଅଫରରେ ୬୦% ପର୍ଯ୍ୟନ୍ତ ରିହାତି ପାଇବେ। ହୋମୱେର ପ୍ରଡକ୍ଟ କ୍ରୟରେ ନିଶ୍ଚିତ ଉପହାର ରହିଛି। ବଜାଜ ଫାଇନାନ୍ସରେ ଆକର୍ଷଣୀୟ ସ୍କିମ ପ୍ରଦାନ କରାଯାଉଛି। ୦% ଇଣ୍ଟରେଷ୍ଟ ଏବଂ ୦% ଡାଉନପେମେଣ୍ଟରେ ଗ୍ରାହକ ଷ୍ଟୋରରୁ ସାମଗ୍ରୀ କିଣି ପାରିବେ। ହୋମୱେର ବର୍ଗରେ ୭,୫୦୦ ଟଙ୍କାର ସାମଗ୍ରୀ କିଣିଲେ ୨୫୦ ଟଙ୍କା ଭାଉଚର ମିଳୁଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।

୧ ଲକ୍ଷ ଟଙ୍କାର କ୍ରୟ ଉପରେ ୧୦ ହଜାର ଟଙ୍କାର ଭାଉଚର କିମ୍ବା ୪୩ ଇଞ୍ଚ କର୍‌ୟୋ ଏଲ୍‌ଇଡି ଟିଭି ମାତ୍ର ୬,୯୯୯ ଟଙ୍କାରେ ମିଳିବ। ମଡ୍ୟୁଲାର କିଚେନ କ୍ଷେତ୍ରରେ ୧.୫ ରୁ ୧.୯୯ ଲକ୍ଷ ଟଙ୍କାର କ୍ରୟରେ ୧ ଗ୍ରାମ ଗୋଲ୍ଡ କଏନ ଏବଂ ନିର୍ଦ୍ଦିଷ୍ଟ ମୂଲ୍ୟର ସାମଗ୍ରୀ କ୍ରୟରେ ୫ ଗ୍ରାମ ପର୍ଯ୍ୟନ୍ତ ଗୋଲ୍ଡ କଏନ ଲାଭ କରିବାର ସୁଯୋଗ ରହିଛି। ପ୍ୟାନେଲ ଟେଲିଭିଜନ, ହବ୍‌ସ ଏବଂ ଚିମନୀ କ୍ଷେତ୍ରରେ ୫୦% ପର୍ଯ୍ୟନ୍ତ ଓ ରେଫ୍ରିଜରେଟର, ୱାଶିଂ ମେଶିନ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି। ଏସ୍‌ବିଆଇ ପକ୍ଷରୁ କ୍ରେଡିଟ କାର୍ଡ ଉପରେ ୫% କ୍ୟାଶବ୍ୟାକ ସୁବିଧା ରହିଛି। ପାର୍ବଣ ସମୟରେ ଗ୍ରାହକ ଚାହିଦାକୁ ଧ୍ୟାନରେ ରଖି ନୂଆ ନୂଆ ଅଫର ଯୋଡାଯାଇଥିବା ପ୍ରାକ୍ସିସ ହୋମ ରିଟେଲ ଲିମିଟେଡ( ହୋମ୍‌ଟାଉନ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିରାଜ ଦିଦ୍‌ୱାନିଆ କହିଛନ୍ତି। ପାର୍ବଣରେ ଗ୍ରାହକଙ୍କୁ ନୂଆ କଲେକ୍ସନ ଏବଂ ସର୍ବୋତ୍ତମ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।




# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No RDM-LAA-MBJ-0015-2018/ 15344 R&DM, Dated 28 MAY 2019**

**No. XXI-71:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧)ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ହଳଦୀପାଳ, ଥାନା-ମୋରଡା, ନଂ.୪୮, ତହସିଲ-ମୋରଡା, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚିତ୍ରଡ଼ା ମାଇନର ଓ ଗଣ୍ଡଗୁହାଳି ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act, 2013) ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୧୮୫୨୮, ତା୨୩।୦୫।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା-ହଳଦୀପାଳ, ଥାନା-ମୋରଡା, ନଂ.୪୮, ଜିଲ୍ଲା-ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
ଜିଲ୍ଲା:ମୟୂରଭଞ୍ଜ — ତହସିଲ:ମୋରଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହଳଦୀପାଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ହେକ୍ଟର ୨୩.୧୪ | ହେକ୍ଟର ୪.୭୯ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୂନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
ଜିଲ୍ଲା:ମୟୂରଭଞ୍ଜ — ତହସିଲ:ମୋରଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୂନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ-୦୨।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୮୩/୨୦୧୭
ଏ.୪.୭୯ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚିତ୍ରଡ଼ା ମାଇନର ଓ ଗଣ୍ଡଗୁହାଳି ସବ୍-ମାଇନର ନିମନ୍ତେ**
**ମୌଜା-ହଳଦୀପାଳ, ଥାନା- ମୋରଡ଼ା, ନଂ-୪୮, ତହସିଲ-ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୪ | ୨୬୫ | ୦.୨୮ | ୦.୦୨ | ଶାରଦ ଜଳ ଦୋଫସଲି ଦୁଇ | କହ୍ନେଇ ମହନ୍ତ, ପି:ପତି ମହାନ୍ତ, ଜା:କୁଡୁମି, ବା: ନିଜଗାଁ |
| ୩୦ | ୫୬୩/୧୨୪୫ | ୦.୫୯ | ୦.୦୬ | ଶାରଦ ଜଳ ଏକ | କାଳିଚରଣ ଦାସ, ମାୟାଧର ଦାସ, ପି:ରାଧାଶ୍ୟାମ ଦାସ, ବିକାଶ ଚନ୍ଦ୍ର ଦାସ, ପି:ଦୁର୍ଗାଚରଣ ଦାସ, ଜା:ସାଗର ପେଷା, ବା: ନିଜଗାଁ |
| ୪୧ | ୫୯୩ | ୦.୨୨ | ୦.୦୭ | ଶାରଦ ଜଳ ଦୋଫସିଲ ଏକ | କ୍ଷେତ୍ର ମୋହନ ମହାନ୍ତ, ପତ୍ରି: ପଡ଼ି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୨୬୭ | ୦.୧୯ | ୦.୦୯ | ଶାରଦ ଜଳ ଦୋଫସଲି ଦୁଇ | |
| | ୨୬୯ | ୦.୧୨ | ୦.୦୮ | ଶାରଦ ଜଳ ଦୁଇ | |
| ୪୩ | ୯୫୬ | ୦.୬୩ | ୦.୨୮ | ଶାରଦ ଜଳ ଦୋଫସଲି ଏକ | କ୍ଷେତ୍ରମୋହନ ବେହେରା, ପି:ଗଣେଶ୍ୱର ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୫୨ | ୫୬୧/୧୧୮୦ | ୦.୭୨ | ୦.୦୬ | ଶାରଦ ଜଳ ଦୋଫସିଲ ଏକ | ଗେହ୍ଲାମଣି ଦାସ, ସ୍ୱା:ପୁରସ୍ତମ ଦାସ, ଜା:ବୈଷ୍ଣବ, ବା:ନିଜଗାଁ |
| ୮୪ | ୫୬୬/୧୨୮୮ | ୦.୧୮ | ୦.୧୦ | ଶାରଦ ଜଳ ଦୋଫସିଲ ଏକ | ଯୁଧିଷ୍ଠିର ସେନାପତି, ପି:ଶମ୍ଭୁନାଥ ସେନାପତି, ଜା:ଗୋଲା, ବା: ନିଜଗାଁ |
| ୮୬ | ୪୭୧/୧୨୮୩ | ୦.୧୫ | ୦.୦୩ | ଶାରଦ ଜଳ ଏକ | ଜ୍ୟୋତି ପ୍ରକାଶ ବେହେରା, ପି:ରମାକାନ୍ତ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୯୫ | ୬୧୬ | ୦.୫୭ | ୦.୧୦ | ଶାରଦ ଜଳ ଦୋଫସିଲ ଏକ | ତ୍ରିଲୋଚନ ସିଂ ବାବୁ, ଅନନ୍ତ ସିଂ ବାବୁ, ଗିରିଶ ସିଂ ବାବୁ, ପ୍ରବିର କୁମାର ସିଂ ବାବୁ, ପ୍ରମିଳା ସିଂ ବାବୁ, ନିର୍ମଳା ସିଂ ବାବୁ, ପି:ଭାଗବତ ସିଂ ବାବୁ, ଜା:କ୍ଷତ୍ରିୟ, ବା:ଚିତ୍ରଡା |
| ୧୦୧ | ୬୨୧ | ୦.୦୫ | ୦.୦୫ | ଶାରଦ ଜଳ ଦୋଫସିଲ ଏକ | ଦାଶରଥି ମହାନ୍ତ, ପି:ମହେଶ୍ୱର ମହାନ୍ତ, ଜା:କୁଡୁମି, ବା:ଶିରିଷାପାଳ |
| ୧୦୨ | ୬୨୦ | ୦.୨୨ | ୦.୧୪ | ଶାରଦ ଜଳ | ଦାଶରଥି ମହାନ୍ତ, ଭାଗୀରଥି ମହାନ୍ତ, ପି:ମହେଶ୍ୱର ମହାନ୍ତ, ଯୋଗେଶ୍ୱର ମହାନ୍ତ, ପି:ମକରା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | | | | ଦୋଫସିଲ ଏକ | |
| | ୬୨୨ | ୦.୦୫ | ୦.୦୫ | ଶାରଦ ଜଳ ଦୋଫସିଲ ଏକ | |
| | ୮୦୦ | ୦.୩୮ | ୦.୦୩ | ଘରବାରୀ | |
| | ୮୨୦ | ୦.୧୮ | ୦.୦୬ | ଶାରଦ ଏକ | |
| ୧୦୭ | ୮୦୧ | ୦.୦୮ | ୦.୦୧ | ଘରବାରୀ | ଦିବାକର ସେଠୀ, ଶ୍ରୀହରି ସେଠୀ, ପି:ଶଙ୍କର ସେଠୀ, ଗୋଲାପ ସେଠୀ, ସ୍ୱା:ବୁଧିଆ ସେଠୀ, ଗିରିଶ ସେଠୀ, ଗୌର ସେଠୀ, କୁନି ସେଠୀ, ପି:ବୁଧୁଆ ସେଠୀ, ସହଦେବ ସେଠୀ, ସଦାଶିବ ସେଠୀ, ପି:ଜଗନ୍ନାଥ ସେଠୀ, ଜା:ଧୋବା, ବା:ନିଜଗାଁ |
| | ୮୦୧/୧୧୯୧ | ୦.୧୧ | ୦.୦୨ | ଶାରଦ ଦୁଇ | |
| | ୮୦୧/୧୧୯୨ | ୦.୧୪ | ୦.୦୨ | ଶାରଦ ଦୁଇ | |
| | ୬୭୬/୧୧୯୮ | ୦.୦୪ | ୦.୦୪ | ନାଳ | |
| ୧୩୪ | ୨୯୪ | ୧.୪୭ | ୦.୧୦ | ଶାରଦ ଜଳ ଦୁଇ | ନିଶାକର ମହାନ୍ତ, ପି:ଦଶରଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୮୦୪ | ୦.୩୨ | ୦.୦୫ | ଘରବାରୀ | |
| | ୬୭୬/୧୨୧୩ | ୦.୦୩ | ୦.୦୩ | ନାଳ | |
| ୧୩୫ | ୨୬୮ | ୦.୧୦ | ୦.୦୮ | ଶାରଦ ଜଳ ଦୋଫସଲି ଦୁଇ | ନେତ୍ର ମୋହନ ମହାନ୍ତ, ପି:ପତି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୧୨ | ୦.୧୮ | ୦.୦୧ | ଶାରଦ ଏକ | |
| | ୮୧୬ | ୦.୦୯ | ୦.୦୧ | ଶାରଦ ଏକ | |
| ୧୫୧ | ୫୪୩ | ୦.୭୩ | ୦.୧୪ | ଶାରଦ ଜଳ ଦୋଫସଲି ଏକ | ପ୍ରଚଣ୍ଡ ବେହେରା, ପି:ଗିରି ବେହେରା, ଜା: ଗୁମ୍ଭାର, ବା:ନିଜଗାଁ |
| ୧୫୫ | ୨୫୩ | ୦.୧୭ | ୦.୦୧ | ଶାରଦ ଜଳ ଦୋଫସଲି ଦୁଇ | ପ୍ରାଣବନ୍ଧୁ ମଣ୍ଡଳ, ପି: ନରେନ୍ଦ୍ର ମଣ୍ଡଳ, ଜା:ଗୋଲା, ବା:ନିଜଗାଁ |
| ୧୫୯ | ୫୪୪ | ୦.୩୪ | ୦.୦୫ | ଶାରଦ ଜଳ ଦୋଫସଲି ଏକ | ପୂର୍ଣ୍ଣଚନ୍ଦ୍ର ବେହେରା, ଦାଶରଥି ବେହେରା, ଭାଗିରଥି ବେହେରା, ପି:ଦୁବାଇ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୧୬୪ | ୫୫୩ | ୦.୩୨ | ୦.୦୫ | ଶାରଦ ଜଳ ଦୋଫସଲି ଦୁଇ | ପୁରସ୍ତମ ବେହେରା, କାଳି ଚରଣ ବେହେରା, ପି:ଭେଲୁ ବେହେରା, ଜା: ଲକ୍ଷ୍ମୀନାରାୟଣ ଗୋଲା, ବା:ନିଜଗାଁ |
| | ୬୧୭ | ୦.୨୮ | ୦.୧୨ | ଶାରଦ ଜଳ ଦୋଫସଲି ଏକ | |
| | ୮୧୯ | ୦.୧୧ | ୦.୦୫ | ଶାରଦ ଏକ | |
| | ୮୨୧ | ୦.୩୧ | ୦.୦୧ | ଶାରଦ ଏକ | |
| ୧୭୦ | ୪୩୫/୧୧୮୬ | ୦.୦୩ | ୦.୦୩ | ନାଳ | |
| | ୫୬୮/୧୨୬୬ | ୦.୫୨ | ୦.୧୦ | ଶାରଦ ଜଳ ଦୋଫସଲି ଏକ | ବନବାସୀ ବେହେରା, ଆଶା ବେହେରା, ପ୍ରତିଭା ବେହେରା, ସରସ୍ୱତୀ ବେହେରା, ପି:ତ୍ରିଲୋଚନ ବେହେରା, ଜା: କୁମ୍ଭାର, ବା:ନିଜଗାଁ |
| ୧୭୩ | ୬୨୩ | ୦.୦୭ | ୦.୦୭ | ଶାରଦ ଜଳ ଦୋଫସଲି ଏକ | ବଳରାମ ମହାନ୍ତ, କୁଞ୍ଜ ମହାନ୍ତ, ମଞ୍ଜ ମହାନ୍ତ, ପି:ମଦନା ମହାନ୍ତ, ଶୁକ ମହାନ୍ତ, ସ୍ୱା-ମଦନା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୧ | ୬୧୩ | ୦.୫୨ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ବାୟା ମାଝୀ, ପି:ମଦନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୯୧ | ୫୭୬ | ୦.୨୩ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ବିପିନ ବେହେରା, ଚକ୍ରଧର ବେହେରା, ସମ୍ଭୁନାଥ ବେହେରା, ପି:ବିକଳ ବେହେରା, ଜା: କୁମ୍ଭାର, ବା:ନିଜଗାଁ |
| ୧୯୮ | ୫୯୨ | ୦.୨୪ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ବୁଧୁ ମହାନ୍ତ, ପି:ପତି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୧୭ | ୦.୦୭ | ୦.୦୨ | ଶାରଦ ଏକ | |
| | ୮୧୮ | ୦.୦୫ | ୦.୦୨ | ଶାରଦ ଏକ | |
| ୨୦୨ | ୪୭୩ | ୦.୩୫ | ୦.୦୪ | ଶାରଦ ଜଳ ଏକ | ବୃନ୍ଦାବନ ବେହେରା, ଅନାଦି ବେହେରା, ଅନନ୍ତ ବେହେରା,, ପି: ମହେଶ୍ୱର ବେହେରା, ପୂର୍ଣ୍ଣ ବେହେରା, ପି:ସୁଫଳ ବେହେରା, ଗଦାଧର ବେହେରା, ଧୁସାସନ ବେହେରା, ସାନନ୍ଦ ବେହେରା, ପି: ବିକଳ ବେହେରା, ଚନ୍ଦୁ ବେହେରା, ପି:ବଲେଇ ବେହେରା, ବାଶୁ ବେହେରା, ପି:ସମ୍ଭୁ ବେହେରା, ପୁଟି ବେହେରା, ପି:ଇଣିରା ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୨୦୬ | ୨୫୩/୧୨୨୬ | ୦.୦୭ | ୦.୦୨ | ଶାରଦ ଜଳ ଦୋଫସଲି ଦୁଇ | ଭାଗିରଥି ମହାନ୍ତ, ପି:ଲକ୍ଷ୍ମଣ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୨୦୯ | ୪୭୨ | ୦.୧୯ | ୦.୦୪ | ଶାରଦ ଜଳ ଏକ | ଭୁଣ୍ଡା ମାଝୀ, ଦୁର୍ଗା ଚରଣ ମାଝୀ, ପି:ନାଲୁ ମାଝୀ, ଜା:ସାନ୍ତାଳ, ବା:ଭଲୁକିଚୁଆ |
| | ୪୩୫/୧୨୧୭ | ୦.୦୨ | ୦.୦୨ | ନାଳ | |
| ୨୧୫ | ୪୩୯ | ୦.୧୯ | ୦.୦୪ | ଶାରଦ ଜଳ ଏକ | ମହନ ମାଝୀ, ପି:ଭୁଟୁ ମାଝୀ, ଜା:ସାନ୍ତାଳ, ବା:ଭାଲିକିଚୁଆ |
| | ୬୧୫ | ୦.୪୧ | ୦.୦୪ | ଶାରଦ ଜଳ ଦୋଫସଲି ଏକ | |
| ୨୨୧ | ୪୩୫/୧୨୨୪ | ୦.୦୩ | ୦.୦୩ | ନାଳ | ମାୟାଧର ବେହେରା, ସତ୍ୟାନନ୍ଦ ବେହେରା, ଶତିଷ ବେହେରା, ସର୍ବେଶ୍ୱର ବେହେରା, ଗଗନ ବେହେରା, ଝାଡେଶ୍ୱର ବେହେରା, ଯଶୁ ବେହେରା, ନୁର ବେହେରା, ରେସିମି ବେହେରା, ପି:ଅର୍ଜୁନ ବେହେରା, ସାରଦା ବେହେରା, ସ୍ୱା:ଅର୍ଜୁନ ବେହେରା, ଜା-କୁମ୍ଭାର, ବା:ଚିତ୍ରଡା |
| ୨୨୨ | ୬୧୯ | ୦.୦୮ | ୦.୦୧ | ଶାରଦ ଜଳ ଦୋଫସଲି ଏକ | ମାଳତୀ ସେନାପତି, ସ୍ୱା:ସମ୍ଭୁ ସେନାପତି, ଜା:ଗୋଲା, ବା:ନିଜଗାଁ |
| ୨୨୬ | ୪୯୯ | ୦.୨୩ | ୦.୦୪ | ଶାରଦ ଜଳ ଏକ | ରଘୁନାଥ ସାହୁ, ପି:ହରି ସାହୁ, ଜା:ଗୁଡ଼ିଆ, ବା:ଶିର୍ଶାପାଳ |
| ୨୩୧ | ୭୩୬ | ୦.୦୬ | ୦.୦୧ | ଡାହି ଦୁଇ | ରମାକାନ୍ତ ବେହେରା, ପି:ପୁରସ୍ତମ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୨୩୯ | ୬୭୬/୧୨୧୨ | ୦.୦୭ | ୦.୦୭ | ନାଳ | ରାଧା ଗୋବିନ୍ଦ ଟିପିରିଆ, ବିଜୟ ଗୋବିନ୍ଦ ଟିପିରିଆ, ଅଜୟ ଗୋବିନ୍ଦ ଟିପିରିଆ, ଆନନ୍ଦ ଚନ୍ଦ୍ର ଟିପିରିଆ, ପି:ରାସ ବିହାରୀ ଟିପିରିଆ, ଜା:ପୁରାଣ, ବା:କୋହି ସାମିଲ ପାଇବଣି |
| ୨୪୧ | ୫୯୧ | ୦.୬୭ | ୦.୦୮ | ଶାରଦ ଜଳ ଦୋଫସଲି ଏକ | ହାଡିବନ୍ଧୁ ମଣ୍ଡଳ, ଦୀନବନ୍ଧୁ ମଣ୍ଡଳ, ପ୍ରାଣବନ୍ଧୁ ମଣ୍ଡଳ, ପି:ନରେନ୍ଦ୍ର ମଣ୍ଡଳ, ରୂପଶ୍ରୀ ମଣ୍ଡଳ, ଜଶଶ୍ରୀ ମଣ୍ଡଳ, ପି:କୃପାସିନ୍ଧୁ ମଣ୍ଡଳ, ବେନିମଣି ମଣ୍ଡଳ, ସ୍ୱା-କୃପାସିନ୍ଧୁ ମଣ୍ଡଳ, ଜା: ଗୋଲା, ବା: ନିଜଗାଁ |
| | ୬୨୫ | ୦.୩୮ | ୦.୧୮ | ଶାରଦ ଜଳ ଦୋଫସଲି ଏକ | |
| ୨୫୦ | ୫୦୦ | ୦.୧୨ | ୦.୦୬ | ଶାରଦ ଜଳ ଏକ | ଲକ୍ଷ୍ମୀ ସେନାପତି, ସ୍ୱା-କାଳି ଚରଣ ସେନାପତି, ବ୍ରହ୍ମାନନ୍ଦ ସେନାପତି, ବିଷ୍ଣୁ ଚରଣ ସେନାପତି, ମହେଶ୍ୱର ସେନାପତି ବିଦ୍ୟାଧର ସେନାପତି, ପି:କାଳି ଚରଣ ସେନାପତି, ଜା:ଗୋଲା, ବା: ନିଜଗାଁ |
| ୨୫୯ | ୫୦୧ | ୦.୧୧ | ୦.୧୧ | ଶାରଦ ଜଳ ଏକ | ସନ୍ତୋଷ କୁମାର ମହାନ୍ତ, ଶରତ କୁମାର ମହାନ୍ତ, ପ୍ରଦିପ କୁମାର ମହାନ୍ତ, ପି:ସୁର୍ଯ୍ୟୋଧନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୨୬୭ | ୫୭୪ | ୦.୫୨ | ୦.୦୯ | ଶାରଦ ଜଳ ଦୋଫସଲି ଏକ | ଶରଦୁ ମହାନ୍ତ, ସହଦେବ ମହାନ୍ତ, ପି:ଛକୁ ମହାନ୍ତ, ଟୁପୁ ମହାନ୍ତ, ସ୍ୱା-ନକୁଳ ମହାନ୍ତ, ବିକଳ ମହାନ୍ତ, ବିଶୁ ମହାନ୍ତ, ପି:ନକୁଳ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୨୮୧ | ୪୬୬ | ୦.୩୦ | ୦.୦୮ | ଶାରଦ ଜଳ ଏକ | ସୂର୍ଯ୍ୟୀ ମଣି ବେହେରା, ଗେହ୍ଲି ବେହେରା, ବାସନ୍ତି ବେହେରା, କେଶ ବେହେରା, ସଇତ ବେହେରା, ମୌନାବତୀ ବେହେରା, ପି:ପ୍ରହ୍ଲାଦ ବେହେରା, ଚନ୍ଦନୀ ବେହେରା, ସ୍ୱା-ପ୍ରହ୍ଲାଦ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| | ୪୬୭ | ୦.୧୨ | ୦.୦୪ | ଶାରଦ ଜଳ ଏକ | |
| ୨୯୦ | ୪୩୬/୧୧୭୫ | ୦.୨୩ | ୦.୦୫ | ଶାରଦ ଜଳ ଏକ | ଶୁଶାନ୍ତ କୁମାର ସେନାପତି, ପି:ଭିମ ଚରଣ ସେନାପତି, ଜା: ଗୋଲା, ବା:ନିଜଗାଁ |
| ୨୯୯ | ୨୬୩ | ୦.୨୮ | ୦.୦୭ | ଶାରଦ ଜଳ ଦୋଫସଲି ଦୁଇ | ହେମେନ୍ଦ୍ର ମହାନ୍ତ, ଗିରୀଧାରି ମହାନ୍ତ, ବଂଶିଧର ମହାନ୍ତ, ପି:ରେଙ୍ଗା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୨୬୪ | ୦.୩୫ | ୦.୦୮ | ଶାରଦ ଜଳ ଦୋଫସଲି ଦୁଇ | |
| | ୫୬୭ | ୧.୮୫ | ୦.୧୧ | ଶାରଦ ଜଳ ଦୋଫସଲି ଏକ | |
| ୩୦୦/୮ | ୫୯୫ | ୦.୧୬ | ୦.୦୮ | ଶାରଦ ଜଳ ଦୋଫସଲି ଏକ | ବଳରାମ ସେନାପତି, ରାଜେନ୍ଦ୍ର ସେନାପତି, ପିତାମ୍ବର ସେନାପତି, ପି:ଭାଗବତ ସେନାପତି, ବା:ଅସ୍ତିଆ, ଜା:ଗୋଲା |
| ୩୦୦/୯ | ୫୯୪ | ୦.୨୫ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ପରମାନନ୍ଦ ସେନାପତି, ପି:ଶମ୍ଭୁନାଥ ସେନାପତି, ଜା:ଗୋଲା, ବା:ନିଜଗାଁ |
| ୩୦୦/୨୦ | ୫୫୪/୧୩୨୧ | ୦.୩୨ | ୦.୦୪ | ଶାରଦ ଜଳ ଦୋଫସଲି ଦୁଇ | ଅଞ୍ଜନା ବେହେରା, ସ୍ୱା:କବି ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୩୦୦/୨୫ | ୨୯୪/୧୨୧୧ | ୦.୧୬ | ୦.୦୮ | ଶାରଦ ଜଳ ଦୁଇ | ତ୍ରିଲୋଚନ ମହାନ୍ତ, ପି:ନିଶାକର ମହାନ୍ତ, ଜା:କୁଡୁମି, କ୍ଷତ୍ରିୟ, ବା:ନିଜଗାଁ |
| ୩୦୦/୫୫ | ୫୭୫ | ୦.୩୯ | ୦.୦୮ | ଶାରଦ ଜଳ ଦୋଫସଲି ଏକ | ହାଡିବନ୍ଧୁ ମଣ୍ଡଳ, ଦିନବନ୍ଧୁ ମଣ୍ଡଳ, ପ୍ରାଣବନ୍ଧୁ ମଣ୍ଡଳ, ପି:ନରେନ୍ଦ୍ର ମଣ୍ଡଳ, ବେଣୀମତି ମଣ୍ଡଳ, ସ୍ୱା-କୃପାସିନ୍ଧୁ ମଣ୍ଡଳ, ଜା:ଗୋଲା, ବା:ନିଜଗାଁ |
| ୩୦୦/୬୬ | ୪୮୮/୧୩୫୬ | ୦.୫୦ | ୦.୦୭ | ଶାରଦ ଜଳ ଏକ | ଶଙ୍କର୍ଷଣ ବେହେରା, ପି:ଚନ୍ଦ୍ରମୋହନ ବେହେରା, ଜା:କୁମ୍ଭାର, ବା: ନିଜଗାଁ |
| ୩୦୦/୧୨୯ | ୫୯୫/୧୩୯୩ | ୦.୧୬ | ୦.୦୯ | ଶାରଦ ଜଳ ଦୋଫସଲି ଏକ | ଉଗ୍ରେସ ମହାନ୍ତ, ପି:ଡେମ୍ପୁ ମହାନ୍ତ, ଜା:କୁଡୁମି, ବା:ଚିତ୍ରଡା |
| ୩୦୦/୧୫୫ | ୪୩୭/୧୪୧୩ | ୦.୨୦ | ୦.୦୬ | ଶାରଦ ଜଳ ଏକ | ସନ୍ତୋଷ ମହାନ୍ତ, ପି:ଶତ୍ରୁଘ୍ନ ମହାନ୍ତ, ଜା:କୁଡୁମି, ବା:ଜିତ୍ରଡା |
| ୩୦୦/୨୧୩ | ୪୪୦ | ୦.୩୬ | ୦.୦୭ | ଶାରଦ ଜଳ ଏକ | ଭରତ ଚନ୍ଦ୍ର ଦାସ, ପି: ଆନନ୍ଦ ଚନ୍ଦ୍ର ଦାସ, ଜା:ବୈଷ୍ଣବ, ବା:ଖୁଣ୍ଟାପାଳ |
| ୩୦୦/୨୨୧ | ୪୮୭ | ୦.୬୮ | ୦.୦୩ | ଶାରଦ ଜଳ ଏକ | ହାଡିବନ୍ଧୁ ବେହେରା, ପି:ରୁଦ୍ର ବେହେରା, ଜା:କୁମ୍ଭାର, ବା:ନଜଗାଁ |
| ୩୦୦/୨୮୦ | ୩୭୦ | ୦.୪୪ | ୦.୧୨ | ଶାରଦ ଜଳ ଏକ | ଗୋପାଳ ବେହେରା, ପି:ସରଦୁ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୩୦୦/୨୮୩ | ୫୬୦ | ୧.୨୨ | ୦.୦୭ | ଶାରଦ ଜଳ ଦୋଫସଲି ଏକ | ଗୀତା ଦାସ, ପି:ପୂର୍ଣ୍ଣଚନ୍ଦ୍ର ଦାସ, ଜା:ଶୁଣ୍ଡି, ବା:ଚିତ୍ରଡା |
| ୩୦୦/୨୮୮ | ୪୯୮/୧୩୮୦ | ୦.୨୫ | ୦.୦୪ | ଶାରଦ ଜଳ ଏକ | ଭୁବନଚନ୍ଦ୍ର ବେହେରା, ପି:ରମାକାନ୍ତ ବେହେରା, ଜା:କୁମ୍ଭାର, ବା:ସମାଇଡିହି |
| ୩୦୦/୩୧୯ | ୪୩୮ | ୦.୧୦ | ୦.୦୩ | ଶାରଦ ଜଳ ଏକ | ବାରିସ ବାସ୍କେ, ପି:ଗୋପାଳ ବାସ୍କେ, ଜା:ସାନ୍ତାଳ, ବା:ନିଜଗାଁ |
| ୩୦୦/୩୨୨ | ୬୧୮ | ୦.୨୪ | ୦.୧୨ | ଶାରଦ ଜଳ ଦୋଫସଲି ଏକ | ଅଭିରାମ ବେହେରା, ପି:ଶରଦୁ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ମୋଟ | ୭୭ ପ୍ଲଟ୍‌କୁ | ଏ.୨୩.୧୪ ହେ.ମି. | ଏ.୪.୭୯ ହେ.ମି. | | |

24001/14/0247/1920

